ISSN -2583-147X(P), **Vol.- 8, Issue No. VIII, November 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ

**କମଳ ମାହନ୍ତ**

ଗଭୀର ଅର୍ଥବହନ ପୂର୍ବକ କୌଣସି ଉକ୍ତି ଯଦି ଅଭିବ୍ୟକ୍ତି ଦ୍ୱାରା ଚମତ୍କାର ପ୍ରତିପାଦନ କରେ ତେବେ ତାହା ସୁ ପଦବାଚ୍ୟ ହୋଇଯାଏ । ଏପରି ଚିନ୍ତା-ଦ୍ୟୋତକ ଉକ୍ତି କେବଳ କବି, ଲେଖକ ଅଥବା ଅଭିଜ୍ଞତାସମ୍ପନ୍ନ କୌଣସି ବୁଦ୍ଧିଜୀବୀ ହିଁ ସୃଷ୍ଟି କରି ପାରନ୍ତି । ସେଥିପାଇଁ କୁହାଯାଏ ଶିଷ୍ଟଜନଙ୍କ ଉକ୍ତି ହେଉଛି ସୂକ୍ତି । ଏହା ଏକ ସମୟଖଣ୍ଡ ମଧ୍ୟରେ କୌଣସି ବ୍ୟକ୍ତିର ଚେତନାରୁ ସୃଷ୍ଟି ହୋଇଥିଲେ ହେଁ ମହାକାଳର କ୍ଷୟକାରୀ ଶକ୍ତିକୁ ଅବଜ୍ଞା କରି ଉଭୟ ବ୍ୟକ୍ତି ଓ ସମୟର ସୀମାସରହଦକୁ ଡେଇଁ ଯିବାର ଶକ୍ତିରେ ସମୁଜ୍ୱଳ ହୋଇ ଉଠିଥାଏ । "ବାଙ୍ମୟର ଐଶ୍ୱର୍ଯ୍ୟ ଓ ଔଜ୍ଜ୍ୱଲ୍ୟ ହେଉଛି ସୂକ୍ତିର ମୂଳକଥା । ଏକ ସ୍ୱତନ୍ତ୍ର ବିଜ୍ଞତାର ପୁରୋଭୂମିରେ ଅନୁସନ୍ଧିତ୍ସୁ ସ୍ରଷ୍ଟା ତା'ର ସାନ୍ଦ୍ର ଅନୁଭୂତିରୁ ଯେଉଁ ନିର୍ଯ୍ୟାସ ଗ୍ରହଣ କରେ ତାହା ହିଁ ଜୀବନ ଦୃଷ୍ଟିର ବାହକ ରୂପେ ସୂକ୍ତିରେ ପରିଣତ ହୁଏ । ସଂକ୍ଷିପ୍ତ କାଳରୁ କାଳୋତୀର୍ଣ୍ଣ ହେବାର ଅଭିଯାନ ପଥରେ ସ୍ରଷ୍ଟା ଜୀବନକୁ ଅବଲୋକନ ଜନିତ ସତ୍ୟ ଉପଲବ୍ଧି କରି ଯାହା କୁହନ୍ତି ତାହା ଉଦାହରଣଯୋଗ୍ୟ ହୋଇଉଠେ । ଯେ କେହି କଥା ପ୍ରସଙ୍ଗରେ ତା'ର ବାରମ୍ବାର ଉଲ୍ଲେଖ କରନ୍ତି । ସୁନ୍ଦର ଉକ୍ତିଟିଏ ସର୍ବଜନ ମୁଖର ଭାଷା; ହୃଦୟର ପ୍ରତିଧ୍ୱନି ଓ ବିବେକୀର ବିଜ୍ଞତା ହୋଇଥାଏ । ଏଣୁ ତାହା ମାନବୀୟ ସଂସ୍କୃତିର ଓ ବୌଦ୍ଧିକ ଦର୍ଶନର ବସ୍ତୁ ରୂପେ ଗୃହୀତ ହୁଏ ।" (ସାରଳା ଶବ୍ଦ ଓ ସୂକ୍ତିକୋଷ - ଡ. ନଟବର ଶତପଥୀ) ।

ସୂକ୍ତି ସବୁବେଳେ ବାସ୍ତବତାର ଭୂମି ଉପରେ ଦଣ୍ଡାୟମାନ ହୋଇଥାଏ । କାରଣ ବାସ୍ତବତାକୁ ଗ୍ରହଣ ନ କଲେ ତାହା କାଳଜୟୀ ହୋଇନପାରେ । ପରାମର୍ଶ ଦେବା ଏହାର ଉଦ୍ଦେଶ୍ୟ ହେଲେ ହେଁ, ସର୍ବଦା ନୀତି, ଆଦର୍ଶ ଓ ମୂଲ୍ୟବୋଧର କଥା କହିଥାଏ । ସୁତରାଂ କୌଣସି ଭାବକୁ ସଂକ୍ଷିପ୍ତ ଅଥଚ ତୀକ୍ଷ୍ଣ ଭାବରେ ହୃଦୟସ୍ପର୍ଶ କରିବା ଭଳି ବ୍ୟକ୍ତ ପଦକୁ ସୂକ୍ତି କୁହାଯାଏ ।

ଓଡ଼ିଶାର ସାମାଜିକ ଜୀବନରେ ପ୍ରବାଦ ପ୍ରବଚନ, ଢଗଢମାଳି, ସୂକ୍ତି, ଡାକବଚନ, ଢ଼ୁଆ, ନାଁଦିଆ, ଭଳି ବିଭିନ୍ନ ଆଙ୍ଗିର ବ୍ୟବହାର ଦେଖାଯାଏ । ସୂକ୍ତି ବ୍ୟତୀତ ଏସବୁ ଲୋକ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ସଂପଦ । ସୂକ୍ତିର ବୌଦ୍ଧିକତା ତାକୁ ଲୋକ ସାହିତ୍ୟଠାରୁ ପୃଥକ କରି ବିଦଗ୍ଧ ଅଥବା ତଥାକଥିତ ଶୁଦ୍ଧ ସାହିତ୍ୟ ଶ୍ରେଣୀଭୁକ୍ତ କରିଛି । ଫଳରେ ଓଡ଼ିଶାରେ ଜନ୍ ବୀମ୍ସଙ୍କ ଠାରୁ ଆରମ୍ଭ କରି ଗୋପାଳ ଚନ୍ଦ୍ର ପ୍ରହରାଜ, ଚକ୍ରଧର ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ, ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ନଟବର ସାମନ୍ତରାୟ, ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଡକ୍ଟର କୃଷ୍ଣଚରଣ ବେହେରାଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଲୋକ ସାହିତ୍ୟ ସଂଗ୍ରହ କ୍ଷେତ୍ରରେ ବହୁ ଉଚ୍ଚକୋଟୀର ଗବେଷଣା କରିଥିଲେ ହେଁ ସୂକ୍ତି ସଂକଳନ କ୍ଷେତ୍ରରେ ସେପରି କୌଣସି କାର୍ଯ୍ୟ କରିଥିବା ଦୃଷ୍ଟିଗୋଚର ହୁଏ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ବୋଧହୁଏ ପ୍ରଥମେ ୧୯୩୪ ମସିହାରେ ଶ୍ରୀଯୁକ୍ତ ଭାଗୀରଥି ସାହୁ 'କୃଷ୍ଣ ସିଂହ ମହାଭାରତ ନୀତି ସଂଗ୍ରହ' ନାମରେ ୬୪୦ ପଦ ବିଶିଷ୍ଟ ଏକ ପୁସ୍ତକ ସଂକଳନ କରନ୍ତି । ପରବର୍ତ୍ତୀ ସମୟରେ ୧୯୭୧ ମସିହାରେ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ 'ଶ୍ରୀଭାଗବତ ସୂକ୍ତି ମୁକ୍ତାବଳୀ' ନାମରେ ଗୋଟିଏ ପୁସ୍ତକ ସଂକଳନ କରନ୍ତି । ଏହି ପରମ୍ପରାରେ ଆମେ ୧୯୭୨ ମସିହା ବେଳକୁ ଦେଖିବାକୁ ପାଉଛେ ଇଂ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ 'ଚିରନ୍ତନୀ' ପୁସ୍ତକ । ୭୦୦ ଗୋଟି ସୂକ୍ତିକୁ ନେଇ ଏହାର ପ୍ରଥମ ସଂସ୍କରଣ ପ୍ରକାଶିତ ହୁଏ ୧୯୭୨ ମସିହାରେ 'ଗ୍ରନ୍ଥମନ୍ଦିର' ଦ୍ୱାରା । ପରବର୍ତ୍ତୀ ସମୟରେ ୧୯୮୮ ମସିହାରେ ମହେଶ୍ୱର ନାୟକଙ୍କ 'ସୂକ୍ତି -ସଞ୍ଚୟନ' ପ୍ରକାଶିତ ହୁଏ । ଏହାପରେ ସୁରେନ୍ଦ୍ର ନାଥ ଦାସଙ୍କ 'କବିବାଣୀ' ପୁସ୍ତକ ପ୍ରକାଶିତ ହୁଏ । ଏହାକୁ ମଧ୍ୟ ପ୍ରକାଶ କରନ୍ତି ଗ୍ରନ୍ଥମନ୍ଦିର । ପୁନଃମୁଦ୍ରଣ - ୧୯୯୬ ହେଲେ ଏହାର କିଛି ବର୍ଷ ପୂର୍ବରୁ ୧ମ ସଂସ୍କରଣ ପ୍ରକାଶିତ ହୋଇଥିବା ଅନୁମାନ କରିହୁଏ । ୧୯୯୭ ମସିହାରେ ପ୍ରଜାତନ୍ତ୍ର ପ୍ରଚାର

ସମିତି ଦ୍ୱାରା ପ୍ରକାଶିତ ହୁଏ ଡକ୍ଟର ନଟବର ଶତପଥୀଙ୍କ 'ସାରଳା ଶବ୍ଦ ଓ ସୂକ୍ତି କୋଷ' ଗ୍ରନ୍ଥ । ଆଲୋଚ୍ୟ 'କୃଷ୍ଣ ସଂହ ମହାଭାରତ ନୀତି ସଂଗ୍ରହ' 'ଶ୍ରୀଭାଗବତ - ସୂକ୍ତି - ମୁକ୍ତାବଳୀ' 'ଚିରନ୍ତନୀ', 'ସୂକ୍ତି-ସଞ୍ଚୟନ', 'କବିବାଣୀ' ଓ 'ସାରଳା ଶବ୍ଦ ଓ ସୂକ୍ତି କୋଷ' ପୁସ୍ତକ ମଧ୍ୟରୁ ଶ୍ରୀଯୁକ୍ତ ନାୟକଙ୍କ 'ସୂକ୍ତ-ସଞ୍ଚୟନ', ଶ୍ରୀଯୁକ୍ତ ଦାସଙ୍କ 'କବିବାଣୀ' ଓ ଇଂ ସାହୁଙ୍କ 'ଚିରନ୍ତନୀ' ପୁସ୍ତକ ତ୍ରୟ ସ୍ୱତନ୍ତ୍ର ମନେ ହୁଏ । କାରଣ ଶ୍ରୀଯୁକ୍ତ ଭାଗୀରଥି ସାହୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଓ ଡକ୍ଟର ନଟବର ଶତପଥୀ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଭାବରେ ଯଥାକ୍ରମେ 'କୃଷ୍ଣ ସିଂହଙ୍କ ମହାଭାରତ', ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ ଓ ଆଦିକବି ସାରଳା ଦାସଙ୍କ 'ମହାଭାରତ'ରୁ ସୂକ୍ତି ସଂଗ୍ରହ କରି ସଂକଳନ କରିଛନ୍ତି । ମାତ୍ର ଶ୍ରୀଯୁକ୍ତ ନାୟକ ୩୭ ଜଣ ଲେଖକଙ୍କ ଲେଖାରୁ ପ୍ରାୟ ୧୦୦୦ରୁ ଅଧିକ ସୂକ୍ତି ସଂଗ୍ରହ କରି ୨୮୩ଟି ବିଷୟରେ ବିଭାଗୀକରଣ କରିଛନ୍ତି । ସେହିପରି ଶ୍ରୀଯୁକ୍ତ ଦାସ ୩୬ ଜଣ ଲେଖକଙ୍କ ଲେଖାରୁ ଦୁଇ ଶହରୁ ଉର୍ଦ୍ଧ୍ୱ ସୂକ୍ତି ସଂଗ୍ରହ କରି ଚରିତ୍ର, ଧୈର୍ଯ୍ୟ, ବନ୍ଧୁ, ପରୋପକାର, ଗୁରୁ, ବିଦ୍ୟା, ଭକ୍ତି, ଦୟା, ଭୟ, ଭଳି ୩୧ ଗୋଟି ବିଭାଗ ଦ୍ୱାରା ପୃଥକ ପୃଥକ ଭାବରେ ସୂକ୍ତିଗୁଡ଼ିକ ସଂକଳିତ କରିଥିବା ବେଳେ ଇଂ ସାହୁଙ୍କ 'ଚିରନ୍ତନୀ' ଏଇ ପରମ୍ପରାରେ ଆଉ ଗୋଟିଏ ପାଦ ଆଗରେ ଅଛି । ଏହାର ପ୍ରଥମ ସଂସ୍କରଣ (୧୯୭୨ - ଗ୍ରନ୍ଥମନ୍ଦିର)ରେ ଅର୍ଦ୍ଧଶତାଧିକ ଲେଖକଙ୍କର ୭୦୦ ଗୋଟି ସୂକ୍ତିକୁ ବିଭିନ୍ନ ବିଭାଗ କରି ଇଂ ସାହୁ ପ୍ରକାଶିତ କରନ୍ତି । ଦ୍ୱିତୀୟ ସଂସ୍କରଣ (୧୯୯୦ ଗୋପବନ୍ଧୁ ସାହିତ୍ୟ ମନ୍ଦିର) ବେଳକୁ ସୂକ୍ତି ସଂଖ୍ୟା ବୃଦ୍ଧି ପାଇ ୧୦୦୦ ହୋଇଯାଏ । ସେହିପରି ତୃତୀୟ ପରିବର୍ଦ୍ଧିତ ସଂସ୍କରଣ (୨୦୦୪ - ଜଗନ୍ନାଥ ରଥ)ରେ ୭୦ରୁ ଉର୍ଦ୍ଧ୍ୱ ଲେଖକଙ୍କର ୧୫୦୦ ଗୋଟିଏ ସୂକ୍ତିକୁ ୫୧ ଗୋଟି ଶ୍ରେଣୀର ବିଭକ୍ତ କରି ସଂକଳିତ କରନ୍ତି ।

ଏହାର ଚତୁର୍ଥ ସଂସ୍କରଣ (୨୦୧୩) 'ଚିରନ୍ତନୀ' ପ୍ରଥମ ଭାଗ ଓ 'ଚିରନ୍ତନୀ' ଦ୍ୱିତୀୟ ଭାଗ ଦୁଇଖଣ୍ଡରେ 'ଗୋପବନ୍ଧୁ ସାହିତ୍ୟ ମନ୍ଦିର' ପ୍ରକାଶ କରନ୍ତି । ପ୍ରଥମ ଖଣ୍ଡରେ 'ଧର୍ମ' ସମ୍ପର୍କରେ ୪୨ ଗୋଟି 'କର୍ମ' ବିଷୟରେ ୫୫ ଗୋଟି, 'କାମ' ବିଷୟରେ ୧୯ ଗୋଟି, 'କ୍ରୋଧ' ବିଷୟରେ ୨୦ ଗୋଟି, 'ଦୟା' ବିଷୟରେ ୧୩ ଗୋଟି, 'କ୍ଷମା' ବିଷୟରେ ୧୮ ଗୋଟି, 'ବନ୍ଧୁ' ବିଷୟରେ ୨୪ ଗୋଟି, 'ପରୋପକାର' ବିଷୟରେ ୨୮ ଗୋଟି, 'ଶିଶୁ' ବିଷୟରେ ୧୭ ଗୋଟି, 'ପିତା, ମାତା ଓ ପରିବାର' ବିଷୟରେ ୨୮ ଗୋଟି, 'ଯୌବନ' ବିଷୟରେ ୧୯ ଗୋଟି, 'ପ୍ରେମ ଓ ପ୍ରୀତି' ବିଷୟରେ ୭୪ ଗୋଟି, 'ମିଳନ' ବିଷୟରେ ୧୮ ଗୋଟି, 'ନାରୀ ଓ ନାରୀଧର୍ମ' ବିଷୟରେ ୬୫ ଗୋଟି, 'ଅନିତ୍ୟତା' ବିଷୟରେ ୬୬ ଗୋଟି, 'ଶରୀର ଓ ଆତ୍ମା' ବିଷୟରେ ୨୧ ଗୋଟି, 'ରାଜା ଓ ପ୍ରଜା' ବିଷୟରେ ୩୦ ଗୋଟି, 'ଯୁଦ୍ଧ ଓ ଯୋଦ୍ଧା' ବିଷୟରେ ୧୯ ଗୋଟି, 'ଦାନ ଓ ଦାନୀ' ବିଷୟରେ ୧୩ ଗୋଟି, 'ଧନ, ଧନୀ ଓ ଦରିଦ୍ର' ବିଷୟରେ ୩୮ ଗୋଟି, 'ଅତୀତ, ସ୍ମୃତି ଓ ଚିନ୍ତା' ବିଷୟରେ ୧୬ ଗୋଟି, 'ବ୍ୟଙ୍ଗ, ପରିହାସ ଓ ଛଳନା' ବିଷୟରେ ୧୧ ଗୋଟି, 'ଭକ୍ତ ଓ ଭକ୍ତି' ବିଷୟରେ ୪୭ ଗୋଟି, 'କବି ଓ କାବ୍ୟ' ବିଷୟରେ ୨୩ ଗୋଟି ଏବଂ 'ଯଶ ଓ କୀର୍ତ୍ତି' ବିଷୟରେ ୨୬ ଗୋଟି ସୂକ୍ତି ଭାବରେ ମୋଟ ୨୫ ଗୋଟି ବିଷୟରେ ୭୫୦ ଗୋଟି ସୂକ୍ତି ସ୍ଥାନିତ କରିଥିବା ବେଳେ ଦ୍ୱିତୀୟ ଭାଗରେ 'ସତ୍ୟ ଓ ନ୍ୟାୟ' ବିଷୟରେ ୨୭ ଗୋଟି, 'ଧୈର୍ଯ୍ୟ' ବିଷୟରେ ୧୩ ଗୋଟି, 'ଚରିତ୍ର' ବିଷୟରେ ୧୩ ଗୋଟି, 'ଭାଗ୍ୟ' ବିଷୟରେ ୩୯ ଗୋଟି, 'ମାୟା' ବିଷୟରେ ୨୭ ଗୋଟି, 'କର୍ତ୍ତବ୍ୟ' ବିଷୟରେ ୧୭ ଗୋଟି, 'ବିଶ୍ୱାସ' ବିଷୟରେ ୧୨ ଗୋଟି, 'ସୌନ୍ଦର୍ଯ୍ୟ' ବିଷୟରେ ୧୪ ଗୋଟି, 'କାପୁରୁଷ' ବିଷୟରେ ୦୯ ଗୋଟି, 'ଭୟ ଓ ଭ୍ରାନ୍ତି' ବିଷୟରେ ୧୮ ଗୋଟି, 'ପାପ ଓ ପାପୀ' ବିଷୟରେ ୧୫ ଗୋଟି, 'ସଜ୍ଜନ ଓ ଦୁର୍ଜନ' ବିଷୟରେ ୭୨ ଗୋଟି, 'ଗୁଣ ଓ ଗୁଣୀ' ବିଷୟରେ ବିଷୟରେ ୩୩ ଗୋଟି, 'ନିନ୍ଦା ଓ ପ୍ରଶଂସା' ବିଷୟରେ ୧୮ ଗୋଟି, 'ତ୍ୟାଗ ଓ ଆଦର୍ଶ' ବିଷୟରେ ୧୯ ଗୋଟି, 'ଲୋଭ ଓ ଲାଳସା' ବିଷୟରେ ୧୫ ଗୋଟି, 'ଅସମ୍ଭବ' ବିଷୟରେ ୨୦ ଗୋଟି, 'ବିଧିବିଧାନ' ବିଷୟରେ ୩୫ ଗୋଟି, 'ଗୁରୁ ଓ ଶିଷ୍ୟ' ବିଷୟରେ ୧୩ ଗୋଟି, 'ବିଦ୍ୟା ଓ ବିଦ୍ୱାନ' ବିଷୟରେ ୩୧ ଗୋଟି, 'ଜାତୀୟତା' ବିଷୟରେ ୩୨ ଗୋଟି, 'ସୁଖ ଓ ଦୁଃଖ' ବିଷୟରେ ୫୧ ଗୋଟି, 'ଜୀବନ ଓ ଜୀବିକା' ବିଷୟରେ ୧୬ ଗୋଟି, 'ମନ ଓ ଆଶା' ବିଷୟରେ ୪୧ ଗୋଟି, 'ଗର୍ବ ଓ ଅହଂକାର' ବିଷୟରେ ୧୪ ଗୋଟି ଏବଂ 'ବିବିଧ' ବିଷୟରେ ୧୪୮ ଗୋଟି, ମୋଟ ୨୬ ଗୋଟି ବିଷୟରେ ୭୬୨ଟି ସୂକ୍ତି ସ୍ଥାନିତ କରିଛନ୍ତି ।

ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ଫକୀରମୋହନ, ରାଧାନାଥ, ଗଙ୍ଗାଧର, ଭୀମଭୋଇ, ଅନ୍ନଦା ଶଙ୍କର, ରାଧାମୋହନ ଗଡ଼ନାୟକଙ୍କୁ ନେଇ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ

ପର୍ଯ୍ୟନ୍ତ ୭୦ରୁ ଊର୍ଦ୍ଧ୍ୱ ଲେଖକଙ୍କର ରଚନା ପଢ଼ି ସେଥିରୁ ୧୫୧୨ ଗୋଟି ସୂକ୍ତି ସଂଗ୍ରହ କରି ୫୧ ଗୋଟି ବିଷୟରେ ବିଭକ୍ତ କରି ପ୍ରକାଶ କରିବା କମ୍ ବଡ଼ କଥା ନୁହେଁ । ଏଥିରୁ ଇଂ. ସାହୁଙ୍କର ସାହିତ୍ୟ ପ୍ରତି କେତେ ନିଷ୍ଠା ତାହା ବାରି ହୋଇ ପଡୁଛି । ଏହା ପୁଣି ଲେଖକଙ୍କର ପ୍ରଥମ ପୁସ୍ତକ । ଚମ୍ପାପୁରସ୍ଥ ଗାନ୍ଧୀ ଶିକ୍ଷାଶ୍ରମରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳ ଏକ ଘଟଣା ଲେଖକଙ୍କୁ ଏପରି ପୁସ୍ତକ ପ୍ରଣୟନ କରିବା ପାଇଁ ପ୍ରେରଣା ଦିଏ । ଏ ସମ୍ପର୍କରେ ଲେଖକ ଇଂ ଗୋବିନ୍ଦ ଚନ୍ଦ୍ର ସାହୁ କୁହନ୍ତି "ଥରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ପିତା ଶ୍ରୀଯୁକ୍ତ ନିମାଇଁ ଚରଣ ନାୟକ କିଛି ଓଡ଼ିଆ ଓ ଇଂରାଜୀ ପୁସ୍ତକ ନେଇ ବିଦ୍ୟାଳୟରେ ଉପସ୍ଥିତ ହୁଅନ୍ତି । ଲେଖକ ପଚାଶ ପଇସା ଦେଇ ଇଂରାଜୀ ଭାଷାର 'କୋଟେସନ୍' (Quotation) ବହିଟିଏ ଆଗ୍ରହ ସହକାରେ କିଣି ପଢ଼ନ୍ତି । ମନରେ ପ୍ରଶ୍ନ ଆସେ, ଆମ ମାତୃଭାଷାରେ ଏପରି ପୁସ୍ତକ ଖଣ୍ଡେ ଅଛି କି? ବୋଲି ସାହିତ୍ୟ ଶିକ୍ଷକ ଶ୍ରୀଯୁକ୍ତ ବୀରକିଶୋର ଦାସଙ୍କୁ ପଚାରନ୍ତେ ସେ ରାଗିଯାଇ କହିଲେ - ଭାରି ତ ବଡ଼ ବଡ଼ କଥା ଭାବୁଛୁ, ତୁ କ'ଣ ଏମିତି ବହିଟିଏ ଲେଖିପାରିବୁ?" ଶିକ୍ଷକଙ୍କର ଏହି କ୍ରୋଧମିଶା ବିରକ୍ତି ଭାବରୁ ହିଁ ମାତୃଭାଷା ଓଡ଼ିଆରେ ଏପରି ଖଣ୍ଡିଏ ପୁସ୍ତକ ପ୍ରଣୟନ କରିବା ପାଇଁ ଇଂ ସାହୁ ନିଅନ୍ତି ଦୃଢ଼ ସଂକଳ୍ପ । ଫଳସ୍ୱରୂପ ୩୧ ବର୍ଷ ବୟସ ବେଳକୁ ଦୃଢ଼ ଇଚ୍ଛାଶକ୍ତି ଫଳବତୀ ହୋଇ ପ୍ରକାଶିତ ହୁଏ ପ୍ରଥମ ପୁସ୍ତକ 'ଚିରନ୍ତନୀ' । 'ଚିରନ୍ତନୀ' ଠାରୁ ଆରମ୍ଭ ହୋଇଥିବା ସାହିତ୍ୟ ଯାତ୍ରା ପରବର୍ତ୍ତୀ ସମୟରେ ପ୍ରବନ୍ଧ, ଅନୁବାଦ, ଓ ପତ୍ରିକା ସଂପାଦନା ମାଧ୍ୟମ ଦେଇ ପ୍ରବୃତ୍ତିରେ ପରିଣତ ହୋଇଯାଏ । ଫଳରେ ଲେଖକ ଓଡ଼ିଆ ସାହିତ୍ୟର ଇତିହାସରେ ସୃଷ୍ଟି କରି ପାରନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ମାତୃଭାଷା ବ୍ୟତୀତ ସଂସ୍କୃତ, ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଭଳି ଏକାଧିକ ଭାଷାରେ ଗଭୀର ଦଖଲ ରଖିଥିବା ଇଂ ସାହୁ ଇଂରାଜୀରେ ଚାରି ଗୋଟି ପୁସ୍ତକ ରଚନା କରିବା ସହ ଓଡ଼ିଆରେ ୩ ଗୋଟି ପ୍ରବନ୍ଧ ପୁସ୍ତକ ଓ 'ଭଜ ଗୋବିନ୍ଦମ୍'ର ସରଳ ଭାଷ୍ୟ ନିମନ୍ତେ ବିପୁଳ ପାଠକୀୟ ସ୍ୱୀକୃତି ଲାଭ କରନ୍ତି । ଏହା ସହିତ ବିଭିନ୍ନ ଭାଷାରୁ ୧୧ ଗୋଟି, ପୁସ୍ତକ ଅନୁବାଦ କରି ଓଡ଼ିଆ ଅନୁବାଦ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ତାଙ୍କର ସାହିତ୍ୟକୃତିକୁ ସ୍ୱୀକୃତି ଜଣାଇ ଓଡ଼ିଶା ବିଜ୍ଞାନ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଉତ୍କଳ ସାହିତ୍ୟ ସମାଜ ପରି ଶତାୟୁ ଅନୁଷ୍ଠାନ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି । ଏସବୁ ସତ୍ତ୍ୱେ ମଧ୍ୟ ଇଂ ଗୋବିନ୍ଦ ଚନ୍ଦ୍ର ସାହୁ 'ଚିରନ୍ତନୀ' ପୁସ୍ତକ ସଂକଳନ କରି ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଯେଉଁ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ତାହା ତାଙ୍କୁ ଚିରକାଳ ପାଇଁ ଓଡ଼ିଆ ଜନମାନସରେ ଅମର କରି ରଖିବ ଏଥିରେ ସନ୍ଦେହ ନାହିଁ ।

**ସହାୟକ**


- କବିବାଣୀ- ସୁରେନ୍ଦ୍ର ନାଥ ଦାସ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ :୨୦୧୨
- କୃଷ୍ଣ ସିଂହ ମହାଭାରତ ନୀତି ସଂଗ୍ରହ- ଶ୍ରୀ ଭାଗୀରଥି ସାହୁ, ପ୍ରଥମ ପ୍ରକାଶ-୧୯୩୪
- ଚିରନ୍ତନୀ (ପ୍ରଥମ ଭାଗ)- ଇଂ ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, ସମାଜ ଅଫିସ୍, ବକ୍ସିବଜାର, କଟକ-୭୫୩୦୦୧, ଚତୁର୍ଥ ସଂସ୍କରଣ : ୨୦୧୩
- ଚିରନ୍ତନୀ (ଦ୍ୱିତୀୟ ଭାଗ)- ଇଂ ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, ସମାଜ ଅଫିସ୍, ବକ୍ସିବଜାର, କଟକ-୭୫୩୦୦୧, ଚତୁର୍ଥ ସଂସ୍କରଣ : ୨୦୧୩
- ଶ୍ରୀଭାଗବତ-ସୂକ୍ତି-ମୁକ୍ତାବଳୀ- ଅଧ୍ୟାପକ ଡକ୍‌ଟର କୁଞ୍ଜବିହାରୀ ତ୍ରିପାଠୀ, ପ୍ରଥମ ପ୍ରକାଶ -୧୯୭୧
- ସାରଳା ଶବ୍ଦ ଓ ସୂକ୍ତିକୋଷ- ଡକ୍ଟର ନଟବର ଶତପଥୀ, ପ୍ରଜାତନ୍ତ୍ର ପ୍ରଚାର ସମିତି, ବିହାରୀବାଗ, କଟକ-୭୫୩୦୦୨, ପ୍ରଥମ ସଂସ୍କରଣ: ଶ୍ରୀଗୁଣ୍ଡିଚା, ୧୯୯୭
- ସୂକ୍ତି-ସଞ୍ଚୟନ- ଶ୍ରୀ ମହେଶ୍ୱର ନାୟକ, ପ୍ରଥମ ପ୍ରକାଶ-୧୯୮୮



ଗବେଷକ, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର